**ଶିକ୍ଷୟିତ୍ରୀଙ୍କ ଆକସ୍ମିକ ମୃତ୍ୟୁ**

କୁଚିଣ୍ଡା,(ଡ଼ି.ଏନ.ଏ.): ସୋମବାର ସନ୍ଧ୍ୟାରେ କୁଚିଣ୍ଡା ଧୁଡିପାଲି ଅନ୍ତର୍ଗତ ଭୋଇପାଲି ଗ୍ରାମର ଶିକ୍ଷୟିତ୍ରୀ ପ୍ରେମଶିଳା ନାୟକ(୫୦)ଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ପ୍ରଣବ କୁମାର ପଟେଲଙ୍କ ସ୍ତ୍ରୀ ପ୍ରେମଶିଳା ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ଡାକ୍ତରଙ୍କ ପରାମର୍ଶରେ ଅଧିକ ଚିକିତ୍ସା ପାଇଁ ଝାରସୁଗୁଡ଼ା ନିଆଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସକାଳେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଭୋଇପାଲି ଉପ୍ରା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଥିବା ପ୍ରେମଶିଳାଙ୍କ ଗତବର୍ଷ ବୁଦେଲକାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହୋଇଥିଲା।

## ସଂକ୍ଷେପରେ

### ୟୁପି ଢାଞ୍ଚାରେ ଓଡ଼ିଶାରେ ହେଉ ସଶକ୍ତ ଜନସଂଖ୍ୟା ନୀତି

**ରାଉରକେଲା ଅଫିସ୍, ୧୩।୭:** ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଉତ୍ତରପ୍ରଦେଶ ସରକାର ସଶକ୍ତ ଜନସଂଖ୍ୟା ନୀତି ତିଆରି କରିଛନ୍ତି। ସମାନ ଢଙ୍ଗରେ ଓଡିଶାରେ ବି ଜନସଂଖ୍ୟା ନିୟନ୍ତ୍ରଣ ନୀତି ତିଆରି କରିବାକୁ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ ନେତା ଶାନ୍ତନୁ କୁସୁମ ଦାବି କରିଛନ୍ତି। ଏହି ଅବସରରେ ଭିଏଚପି ନେତା କୁସୁମ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ମାତ୍ରାଧିକ ଜନସଂଖ୍ୟା ବୃଦ୍ଧି ରାଜ୍ୟର ବିକାଶରେ ପ୍ରତିବନ୍ଧକ ସାଜିଛି। ଜନସଂଖ୍ୟା ନିୟନ୍ତ୍ରଣ ସାମ୍ପ୍ରତିକ ପରିସ୍ଥିତିରେ ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ବୃଦ୍ଧି ପାଉଥିବା ଜନସଂଖ୍ୟାକୁ ରୋକା ନ ଗଲେ ଭବିଷ୍ୟତରେ ହିଂସା, ଅରାଜକତା ବୃଦ୍ଧି ପାଇବ। ତେଣୁ ସଶକ୍ତ ଜନସଂଖ୍ୟା ନୀତିର ବହୁ ଆବଶ୍ୟକତା ରହିଛି। ତେଣୁ ଉତ୍ତରପ୍ରଦେଶ ସରକାର ଯେଭଳି ଜନସଂଖ୍ୟା ନୀତି କରିଛନ୍ତି ଓଡିଶାରେ ସେଭଳି ସଶକ୍ତ ନୀତି ଲାଗୁ କରିବା ସହିତ ଏହାର ଖିଲାପକାରୀଙ୍କୁ ସରକାରୀ ଚାକିରୀ, ଯୋଜନା ଓ ସହାୟତାରୁ ବଞ୍ଚିତ କରାଯିବା ଉଚିତ ବୋଲି ଭିଏଚ୍‌ପି ନେତା କୁସୁମ କହିଛନ୍ତି ।

### ନୂତନ ମଜୁରି ଚୁକ୍ତିନାମା ବିଳମ୍ବ ପାଇଁ କେନ୍ଦ୍ର ଦାୟୀ

**ରାଉରକେଲା ଅଫିସ୍,୧୩।୭:** ସେଲ୍ ତଥା ଆର୍‌ଏସ୍‌ପିର ଶ୍ରମିକ କର୍ମଚାରୀମାନଙ୍କର ନୂତନ ମଜୁରୀ ଚୁକ୍ତିନାମାର ଅହେତୁକ ବିଳମ୍ବ ପାଇଁ କେନ୍ଦ୍ର ସରକାର ଦାୟୀ ବୋଲି ରାଉରକେଲା ଶ୍ରମିକ ସଂଘର ସଭାନେତ୍ରୀ ଡି.ଏସ୍ ପାଣିକର ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ମତବ୍ୟକ୍ତ କରିଛନ୍ତି। ଏ ନେଇ ରାଉରକେଲା ଶ୍ରମିକ ସଂଘର ସାଧାରଣ ପରିଷଦ ବୈଠକରେ ଆଲୋଚନା ହୋଇଥିଲା। ଦୀର୍ଘ ୫୫ ମାସରୁ ଉର୍ଦ୍ଧ୍ୱ ସମୟ ଧରି ମଜୁରୀ ଚୁକ୍ତିନାମା ହୋଇ ପାରିନାହିଁ। କର୍ମଚାରୀମାନେ ଉତ୍ସର୍ଗୀକୃତ ମନୋଭାବ ଓ କଠିନ ପରିଶ୍ରମ କରି ଉତ୍ପାଦନ, ଉତ୍ପାଦକତା ବୃଦ୍ଧି କରି ଲାଭାର୍ଜନ କରୁଛନ୍ତି। ତଥାପି ପରିଚାଳନା କର୍ତ୍ତୃପକ୍ଷ କର୍ମଚାରୀମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ଟାଳଟୁଳ ନୀତି ଅବଲମ୍ବନ କରି ଏନଜେସିଏସ୍ ବୈଠକରେ ଅବାସ୍ତବ ପ୍ରସ୍ତାବମାନ ପ୍ରଦାନ କରୁଛନ୍ତି। ଯାହାକି ଆଦୌ ଗ୍ରହଣୀୟ ନୁହେଁ। ତୁରନ୍ତ ଶ୍ରମିକ କର୍ମଚାରୀମାନଙ୍କ ନୂତନ ବେତନ ଚୁକ୍ତିନାମାକୁ ସମ୍ପନ୍ନ କରିବା ପାଇଁ ରାଉରକେଲା ଶ୍ରମିକ ସଂଘ ସଭାନେତ୍ରୀ ପାଣିକର ଓ ସାଧାରଣ ସଂପାଦକ ବେହେରା ଦୃଢ଼ ଦାବି କରିଛନ୍ତି।

### ରେଢ଼ାଖୋଲରେ ନୂତନ ଉପଜିଲାପାଳ



**ରେଢ଼ାଖୋଲ,୧୩।୭ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡରେ ପବିତ୍ର ବେହେରା ଉପଜିଲାପାଳ ଭାବେ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ କୁଚିଣ୍ଡାର ଉପଜିଲାପାଳ ଥିଲେ। ଏଠାରେ ଉପଜିଲାପାଳ ଥିବା ପଦ୍ମନାଭ ବେହେରାଙ୍କ ପଦୋନ୍ନତି ସହ ବଦଳି ହେବା ପରେ ବିଡିଓ ପରିକ୍ଷିତ ସାହୁ ଉପଜିଲାପାଳ ଦାୟିତ୍ୱରେ ରହିଥିଲେ।

### ପିଏନ୍‌ବିରେ କୋଭିଡ୍ ନିୟମକୁ ଅଣଦେଖା

**କୁଚିଣ୍ଡା,୧୩।୭(ଡି.ଏନ.ଏ.):** କୁଚିଣ୍ଡା ପିଏନ୍‌ବି (ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ)ରେ କୋଭିଡ୍ ନିୟମ ଅଣଦେଖା କରାଯାଉଛି। ବ୍ୟାଙ୍କ ଖୋଲିବା ମାତ୍ରେ ଶତାଧିକ ଗ୍ରାହକ ବିଭିନ୍ନ କାମରେ ଆସି ଭିଡ ଜମାଉଛନ୍ତି। ଏହା ଦେଖିଲେ ସାମାଜିକ ଦୂରତା କଥା ଲୋକେ ଭୁଲିଯାଇଥିବା ମନେ ହେଉଛି। ପୋଲିସ ପହଞ୍ଚି ନିୟନ୍ତ୍ରଣ କରୁଥିଲେ ମଧ ପରବର୍ତ୍ତୀ ସମୟରେ ସମାନ ଅବସ୍ଥା। ଏପରିସ୍ଥଳେ ଗୁଣ୍ଡରୁଚୁଆ, ଧୁଡିପାଲି, ଆମ୍ଭକଟା, ସୁବର୍ଣ୍ଣପାଲି, ଭୋଇପାଲି ଆଦି ସ୍ଥାନରେ ଥିବା ସିଏସ୍‌ପି (କଷ୍ଟମର ସର୍ଭିସ ବ୍ରାଞ୍ଚ)ରେ ଟଙ୍କା ଦେଣନେଣ କରାଗଲେ ଭିଡ ଏଡାଯାଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଗୁଣ୍ଡରୁଚୁଆ ପିଏନ୍‌ବି ମ୍ୟାନେଜର ଯୁଧିଷ୍ଠିର ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ବୁଧବାରଠାରୁ କୋଭିଡ୍ ନିୟମ କଡାକଡି ପାଳନ କରାଯିବ। ଏହାସହ ଉପରୋକ୍ତ ୫ ସିଏସ୍‌ପିରେ ଯେପରି ଟଙ୍କା ନେଣଦେଣ ସୁବିଧା ହୋଇପାରିବ ସେ ନେଇ ପଦକ୍ଷେପ ନିଆଯିବ।

# ବ୍ଲକ ବିଜେଡି ସଭାପତି ନିଲମ୍ବିତ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ତାଙ୍କ ବିରୋଧରେ ଏଭଳି ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ପ୍ରସ୍ତାବ ଦେବା ପରେ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଓ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଅନୁମୋଦନକ୍ରମେ ଏହିନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ଜିଲା ପର୍ଯ୍ୟବେକ୍ଷକ ପ୍ରଧାନ କହିଛନ୍ତି, ଦଳ ସ୍ୱଚ୍ଛ ଶାସନ ଉପରେ ବିଶ୍ୱାସ କରେ। କୌଣସି ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଦଳରେ ଆଶ୍ରୟ ଦିଆଯାଏ ନାହିଁ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଚ୍ଛ ଶାସନ ପାଇଁ ରାଜ୍ୟବାସୀଙ୍କ ଆସ୍ଥା ଭାଜନ ହୋଇପାରିଛନ୍ତି। କେବେହେଲେ ଦଳ ପକ୍ଷରୁ ତଦନ୍ତରେ ପ୍ରଭାବ ପକାଯାଇ ନାହିଁ। ଏହି ମାମଲାରେ ମଧ ଦଳ ନୀତି ସ୍ପଷ୍ଟ କରି ନିଲମ୍ବନ କରାଯାଇଛି। ଆଗକୁ ଯେଉଁମାନେ ଦଳ ଛବି ଖରାପ ହେବା ଭଳି କାର୍ଯ୍ୟ କରିବେ ସେମାନଙ୍କ ବିରୋଧରେ



ନିଲମ୍ବିତ ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ।

**ଯୁବନେତାଙ୍କ ଆପରାଧିକ କାର୍ଯ୍ୟ**

■ ଅପରାଧୀଙ୍କୁ ଆଶ୍ରୟ ନାହିଁ: ନଳିନୀକାନ୍ତ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିଲମ୍ବିତ ବିଜେଡି ବ୍ଲକ ସଭାପତି ତ୍ରିପାଠୀ ପ୍ରାୟ ୧୫ବର୍ଷ ହେବ ଦଳରେ ରହିଛନ୍ତି। ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମୟରୁ ସେ ଦଳପାଇଁ କାର୍ଯ୍ୟ କରିଆସୁଛନ୍ତି। ପ୍ରସନ୍ନଙ୍କ ଘନିଷ୍ଠ କୁହାଯାଉଥିବା ଉଦିତ ପରେ ବିଧାୟକ ପୂଜାରୀଙ୍କ ପାଖଲୋକ ହୋଇପାରିଥିଲେ। ବ୍ଲକର ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ। ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ଯୋଗୁ ସବୁ ପାଣିରେ ପଡିଲା ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଜୁଲାଇ ୯ରେ ଯୁଯୁମୁରା ଥାନାରେ କେସ୍ ନଂ.୮୮/୨୧ରେ ଏକ ମାମଲା ରୁଜୁ ହୋଇଥିଲା। କେନ୍ଦୁପତ୍ର ଚୋରା ଚାଲାଣ ଓ ଗାଡି ଚୋରି ଅଭିଯୋଗ ହୋଇଥିଲା। ତଦନ୍ତ କରି ପୋଲିସ ଗାଡ଼ି ଓ କେନ୍ଦୁପତ୍ର ଜବତ କରିଥିଲା। ଘଟଣାରେ ଯୁଯୁମୁରା ଥାନା ଅନ୍ଧାରି ଗ୍ରାମର ପୂର୍ବତନ ସରପଞ୍ଚ ଦିଗମ୍ବର ପ୍ରଧାନ ଓ ବିଜେଡି ନେତା ବିପିନ ପ୍ରଧାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଆଉ ୬ ଜଣ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି। ସେମାନଙ୍କ ମଧ୍ୟରେ ରେଢାଖୋଲ ବ୍ଲକ ବିଜେଡି ସଭାପତି ତ୍ରିପାଠୀ ଓ ଅଶୋକ ଦେହୁରିଙ୍କ ନାମ ରହିଛି। ତାଙ୍କ ଘରେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢାଉ କରିଥିଲା, ହେଲେ ସେ ଫେରାର ଅଛନ୍ତି। ପୂର୍ବରୁ ଉଦିତଙ୍କ ନାମରେ ଏକାଧିକ ମାମଲା ରହିଛି।

## କେନ୍ଦୁପତ୍ର ସହ ଟ୍ରାକ୍ଟର ଜବତ

**ସମ୍ବଲପୁର,୧୩।୭(ବ୍ୟୁରୋ)**

ସମ୍ବଲପୁର ଜିଲାରେ କେନ୍ଦୁପତ୍ର ଚୋରା ଚାଲାଣ ରୋକିବା ନେଇ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଦାୟିତ୍ୱ ଦିଆଯାଇଛି। ଜୁଲାଇ ୯ ତାରିଖରେ ଯୁଯୁମୁରା ଥାନା କୟାକୁଦରୁ କେନ୍ଦୁପତ୍ର ଜବତ ହୋଇଥିଲା। ଏହାର ୪ଦିନ ପରେ ସୋମବାର ବିଳମ୍ବିତ ରାତିରେ ରେଢାଖୋଲ ଥାନା ଡଙ୍ଗାପଥର ଗ୍ରାମରେ ଜଣଙ୍କ ଘରେ ଚଢାଉ ହୋଇଥିଲା। ହେଲେ ଘର ମାଲିକ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘର ଭିତରୁ ବ୍ୟାପକ ମାତ୍ରାରେ କେନ୍ଦୁପତ୍ର ସହ କେନ୍ଦୁପତ୍ର ବେଝେଇ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ତଦନ୍ତରେ ବାଧା ସୃଷ୍ଟି ହେବା ଦର୍ଶାଇ ପୋଲିସ ସୂଚନା ଦେବାକୁ ମନା କରିଛି। ଅଭିଯୁକ୍ତ ଜଣେ ନେତାଙ୍କ ସମ୍ପର୍କୀୟ ସେହି ଗ୍ରାମରେ ଥିବାରୁ ପୋଲିସ ସନ୍ଦେହ କରି ତଦନ୍ତ କରିଥିବା ଜଣାପଡିଛି।

## ଶଗଡ଼ ଉପରେ ବାଇକ୍ ରଖି ରାଲି



ଶଗଡରେ ବାଇକ୍ ରଖି ରାଲି କରାଯାଉଛି ।

**ସମ୍ବଲପୁର,୧୩।୭(ବ୍ୟୁରୋ)**

ବିଭିନ୍ନ ସାମଗ୍ରୀ ସାଙ୍ଗକୁ ତୈଳ ଓ ରନ୍ଧନଗ୍ୟାସ୍ ଦରବୃଦ୍ଧିକୁ ନେଇ ସମ୍ବଲପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ଶଗଡ ଉପରେ ବାଇକ୍ ରଖି ଦଳର ନେତା କର୍ମୀମାନେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ରାଲିରେ ବାହାରିଥିଲେ। ଗୋଲବଜାର ଛକ, ମ୍ୟୁନିସିପାଲିଟି ଛକ ଦେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ କରି ଦରବୃଦ୍ଧି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଟାଉନ ଯୁବ କଂଗ୍ରେସ ସଭାପତି ମୋହନ ସା, ସୁରେଶ୍ୱର ମିଶ୍ର, ବିଜୟ ଭୂୟାଁ, କୃଷ୍ଣ ସୁନା, ସୁଧୀର ପଣ୍ଡା, ମହମ୍ମଦ ସକୁ ପ୍ରମୁଖ ଉପସ୍ଥିତ ଥିଲେ।

## ତାଲିମ ବନ୍ଦ କରିବାକୁ କହିଲେ ଚାଷୀ

**ସମ୍ବଲପୁର,୧୩।୭(ବ୍ୟୁରୋ)**

**ଭର୍ଚୁଆଲରେ ଚାଷୀ ପଞ୍ଜୀକରଣ ତାଲିମ**

ସମ୍ବଲପୁର ଡିଆର୍‌ସିଏସ୍ ଅଫିସରେ ମଙ୍ଗଳବାର ଚଳିତ ଖରିଫ ଚାଷ ପାଇଁ ଆଗୁଆ ଚାଷୀ ପଞ୍ଜୀକରଣ ଲାଗି ଭର୍ଚୁଆଲରେ ତାଲିମ ଚାଲିଥିଲା। ଏହି ସମୟରେ ଚାଷୀମାନେ ଧସେଇପସି ତାଲିମ କାର୍ଯ୍ୟକ୍ରମ ବନ୍ଦ କରିବାକୁ କହିଥିଲେ। ଜିଲା କୃଷକ ସଂଗଠନ ପ୍ରତିନିଧି ଭାବେ ଚାଷୀ ଦେବେନ୍ଦ୍ର ପ୍ରଧାନ ଓ ଦିଲିପ ସାହୁ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକଙ୍କ ପ୍ରକୋଷ୍ଠକ ଯାଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଏବେ ଚାଷୀ ବିଲରେ କାମ କରୁଛି। ଅଣଜଳସେଚିତ ଅଞ୍ଚଳରେ ବୁଣାଧାନ କାମ ଚାଲିଛି। ଏଭଳି ସମୟରେ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିବା ଉଚିତ ନୁହେଁ। ଚାଷୀ ବିଲରେ କାମ କରିବ ନା ସମବାୟ ସମିତିକୁ ଆସିବ। ଯଦି ସରକାରଙ୍କ ଚାଷୀ ପ୍ରତି ଦରଦ ଅଛି ତେବେ ୟାସ୍ କ୍ଷୟକ୍ଷତିର ସହାୟତା ରାଶି ଦିଆଯାଉ। ଚାଷୀଙ୍କ ଧାନ ବିକ୍ରି ହୋଇପାରିଲା ନାହିଁ। ସେ ନେଇ ଗୋଟିଏ ମଧ ବୈଠକ କରାଗଲା ନାହିଁ। ସରକାରଙ୍କ ମଞ୍ଜୁର ଋଣ ପରିମାଣଠାରୁ ୩୩ ପ୍ରତିଶତ ସାର ଓ କିଟନାଶକ ଯୋଗାଇଦେବାର ନିୟମ ରହିଛି। ହେଲେ ଚାଷୀଙ୍କୁ ସାର ଦିଆଗଲା ନାହିଁ। ସେମାନେ ବାଧ ହୋଇ ଖୋଲା ବଜାରରୁ ସାର ଅଧିକ ଦରରେ କିଣିଥିଲେ। ଧାନ ବିହନ ଯୋଗାଇବାଠାରୁ ବିକ୍ରି ପର୍ଯ୍ୟନ୍ତ ଚାଷୀଙ୍କୁ ହଇରାଣ ହେବାକୁ ପଡୁଛି । ତେଣୁ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ବନ୍ଦ କରିବାକୁ କହିଥିଲେ। ଏ ସମ୍ପର୍କରେ ଡିଆର୍‌ସିଏସ୍ ନାଏକ କହିଛନ୍ତି, ଚାଷୀ ପଞ୍ଜୀକରଣ ପାଇଁ ପ୍ରଥମେ ରାଜ୍ୟ ସ୍ତରୀୟ ଓ ଅପରାହ୍ନରେ ଜିଲାସ୍ତରୀୟ ବୈଠକ ହୋଇଥିଲା। ଏହା ଯୋଗାଣ ବିଭାଗ ପକ୍ଷରୁ ପରିଚାଳନା କରାଯାଉଥିଲା। ସମବାୟ ସମିତି, ଯୋଗାଣ ବିଭାଗ କର୍ମଚାରୀ ଓ ଅଧିକାରୀ ଭର୍ଚୁଆଲରେ ଉପସ୍ଥିତ ଥିଲେ। ଚାଷୀ ଆସି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦାବି




ଜିଲାପାଳଙ୍କ ଅଫିସ ଆଗରେ ଅନୁଷ୍ଠାନର କର୍ମକର୍ତ୍ତା।

**ସମ୍ବଲପୁର,୧୩।୭(ବ୍ୟୁରୋ)**

ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ କରିବାକୁ ସମ୍ବଲପୁର ଜିଲା ପ୍ରଶାସନ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଶାଖା ସମ୍ବଲପୁର ପକ୍ଷରୁ ଏହା ପ୍ରଦାନ କରାଯାଇଥିଲା। ଏଥିରେ ମହିଳା ନେତ୍ରୀ ଭାରତୀ ପଣ୍ଡା, ସ୍ନେହଲତା ଦେବୀ, ଉତ୍ପଳା ଧରୁଆ, ଡାକ୍ତର ରାଜକୁମାର ବଡପଣ୍ଡା, ଦାମୋଦର କର, ମାନସ ରଞ୍ଜନ ବକ୍ସି, ଅରବିନ୍ଦ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓପିଜିସି ଏମ୍‌ଡିଙ୍କ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ

**ଝାରସୁଗୁଡ଼ା ଅଫିସ,୧୩।୭**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ମୁଖ୍ୟ ପରିଚାଳକ (ଏମ୍‌ଡି) ପ୍ରଶାନ୍ତ ମହାପାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ଓପିଜିସି ଅଫିସର୍ସ ଆସୋସିଏଶନ ଓ ଓପିଜିସି ଏମ୍ପ୍ଲଇଜ୍ ୟୁନିୟନ ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ଇବ୍‌ଥର୍ମାଲ ଶୈବପୀଠରେ ଏମ୍‌ଡି ମହାପାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରି ସାମୂହିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଧରଣୀଧର ବେହେରା, କୃଷ୍ଣଚନ୍ଦ୍ର ମିଶ୍ର, ବିଜୟ ମିଶ୍ର, ଦୀପ୍ତିରଞ୍ଜନ ମହାପାତ୍ର, ବାଲୁଙ୍କେଶ୍ୱର ମହାପାତ୍ର, ଚନ୍ଦନ କୁମାର ପରିଡା, ବିଏନ୍ ଦାସ, ଦେବାଶିଷ ପଟ୍ଟନାୟକ, ସନ୍ତୋଷ ଷଡଙ୍ଗୀ ଉପସ୍ଥିତ ଥିଲେ।

## ଜନସଂଖ୍ୟା ନିୟନ୍ତ୍ରଣ ଆଇନ ଦାବିରେ ସ୍ମାରକପତ୍ର

**ଝାରସୁଗୁଡ଼ା ଅଫିସ,୧୩।୭**

କଠୋର ଓ ସଶକ୍ତ ଜନ୍ମ ନିୟନ୍ତ୍ରଣ ବିଧେୟକ ସଂସଦରେ ପାରିତ କରିବା ଦାବିରେ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ଝାରସୁଗୁଡା ଜିଲା ଶାଖା ତରଫରୁ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲଖନପୁର ବିଡିଓଙ୍କୁ ୫ଶହ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଗୋପାଳ କୃଷ୍ଣ ମିଶ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ। ଏଥିରେ ଫାଉଣ୍ଡେଶନର ଜିଲା ସାଧାରଣ ସମ୍ପାଦକ ଦ୍ୱିତୀୟ ଭୋଇଙ୍କ ନେତୃତ୍ୱରେ ହାରାଚାନ୍ଦ ଗଡତିଆ, ନକୁଳ ପ୍ରଧାନ, ସୁନା ପ୍ରଧାନ, ଟଙ୍କଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ ଜିଲାରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ଓଡ଼ିଶାକୁ ଏଥର ଠିକ୍ ସମୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥିଲେ ମଧ ଏ ପର୍ଯ୍ୟନ୍ତ ଆବଶ୍ୟକ ଅନୁଯାୟୀ ବର୍ଷା ହୋଇନାହିଁ। ୧୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ମଙ୍ଗଳବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ୧ରୁ ଜୁଲାଇ ୧୩ ମଧ୍ୟରେ ରାଜ୍ୟରେ ୨୭୩.୬ ମି.ମି.ବର୍ଷା ହୋଇଥିବାବେଳେ ଏହା ସ୍ୱାଭାବିକଠାରୁ ୨୧% କମ୍ ରହିଛି।

୨୦%ରୁ ୫୯% କମ୍ ବର୍ଷା ବା ନିଅଣ୍ଟିଆ ବର୍ଷାର ସମ୍ମୁଖୀନ ହୋଇଥିବା ଜିଲାଗୁଡ଼ିକ ହେଲା ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ା। ଏଥିମଧ୍ୟରୁ ୪ ଜିଲା କେନ୍ଦୁଝର, ଗଞ୍ଜାମ, ଯାଜପୁର ଓ ଭଦ୍ରକରେ ଆସନ୍ତା ୧୫ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ଚାଷ କାର୍ଯ୍ୟ ଗୁରୁତର ପ୍ରଭାବିତ ହେବ ବୋଲି ପାଣିପାଗ ବିଜ୍ଞାନୀ ଏଚ୍‌ଆର୍ ବିଶ୍ୱାସ ପୂର୍ବାନୁମାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କେନ୍ଦୁଝର, ଭଦ୍ରକ, ଯାଜପୁର ଓ ଗଞ୍ଜାମ ଜିଲାରେ ୪୦%ରୁ ଅଧିକ ପରିମାଣର କମ୍ ବର୍ଷା ରେକର୍ଡ କରାଯାଇଛି। ସେହିଭଳି ରାଜ୍ୟର ବାକି ୧୩ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି।

ମଙ୍ଗଳବାର ନୟାଗଡ଼ରେ ସର୍ବାଧିକ ୫୪ ମି.ମି. ବର୍ଷା ହୋଇଥିବାବେଳେ କଟକ ୧୭.୨, ବଲାଙ୍ଗୀର ୧୭, ଦାରିଙ୍ଗବାଡ଼ି ୧୬, କେନ୍ଦୁଝର ୧୫.୫, ପାରାଦୀପ ୧୩.୮, ଅନୁଗୋଳରେ ୧୦.୬ ମି.ମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ଦକ୍ଷିଣ ଓଡ଼ିଶାର ଅଧିକ ସ୍ଥାନ ଓ ଉତ୍ତର ଓଡ଼ିଶାର କିଛିସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। କିନ୍ତୁ ୧୭ରୁ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଓ କଟକରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଟଙ୍କା ଫେରିପାଇବା ସନ୍ଦେହରେ ଅଭିଯୋଗକାରୀ

**ବ୍ରଜରାଜନଗର,୧୩।୭ (ଡି.ଏନ.ଏ.)**

**ଷ୍ଟେଟ ବ୍ୟାଙ୍କ ଟଙ୍କା ହଡ଼ପ ଘଟଣା**

ବ୍ରଜରାଜନଗର ଥାନା ଲମଟିବାହାଲ ଷ୍ଟେଟ ବ୍ୟାଙ୍କରେ ୧୮ ଲକ୍ଷ ୨୫ ହଜାର ଟଙ୍କା ହଡ଼ପ ଘଟଣାରେ ହିସାବରକ୍ଷକ ସନ୍ଦିପ ମହାନ୍ତି ଗିରଫ ହେବା ପରେ ଅଭିଯୋଗକାରିଣୀ ଶ୍ରୀମତୀ ମୁଣ୍ଡା ତାଙ୍କ ଟଙ୍କା ଫେରି ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ଥାନା ଅଧିକାରୀ ବୈକୁଣ୍ଠ ବିହାରୀ ସେଠ୍‌ଙ୍କୁ ପଚାରିବାରୁ ଏଣିକି ଅଫିସିଆଲ ବାଟରେ ତାଙ୍କ ଟଙ୍କା ଫେରସ୍ତ ପ୍ରକ୍ରିୟା ବ୍ୟାଙ୍କ କର୍ତ୍ତୃପକ୍ଷ କରିବେ ବୋଲି ପ୍ରକାଶ କରିଥିଲେ। ମଙ୍ଗଳବାର ଶ୍ରୀମତି ମୁଣ୍ଡା ଓ ତାଙ୍କ ପୁଅ ଟିକେଶ୍ୱର ମୁଣ୍ଡା ବ୍ୟାଙ୍କ ଯାଇ ହଡ଼ପ ଟଙ୍କା ଫେରାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମ୍ୟାନେଜର ଲୋହିତ ନନ୍ଦ ଅନୁପସ୍ଥିତ ଥିବାରୁ ତାଙ୍କୁ ସେ ଫୋନ ଯୋଗେ ପଚାରିଥିଲେ। ଉତ୍ତରରେ ମ୍ୟାନେଜର ନନ୍ଦ କହିଥିଲେ, ଅଭିଯୋଗକାରିଣୀ ଲୋନ୍ ଆକାଉଣ୍ଟରେ ନେଇଥିବା ୧୧ ଲକ୍ଷ ୩୦ ହଜାର ଟଙ୍କା ପ୍ରଥମେ ବ୍ୟାଙ୍କକୁ ଫେରସ୍ତ କରନ୍ତୁ। ତା'ପରେ ସେ ତାଙ୍କର ସମସ୍ତ ଟଙ୍କା କିପରି ଫେରିପାଇବେ ତା'ର ବ୍ୟବସ୍ଥା କରାଯିବ। ତେବେ ଶ୍ରୀମତି ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ସେ ନେଇଥିବା ସମସ୍ତ ଟଙ୍କା ବିଭିନ୍ନ ଉପାୟରେ ଖର୍ଚ୍ଚ କରିସାରିଛନ୍ତି। ଏତେ ଟଙ୍କା ସେ କେଉଁଠୁ ଆଣିବେ ଏବଂ ଟଙ୍କା ନ ଦେଇ ବ୍ୟାଙ୍କ କର୍ତ୍ତୃପକ୍ଷ ହଇରାଣ କରିବା ପାଇଁ ଚେଷ୍ଟା କରୁଥିବା କହିଥିଲେ। ଏହାସହ ଏଥିରେ ଏକାଧିକ କର୍ମଚାରୀ ସାମିଲ ଥିବାରୁ ପୋଲିସ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ଟଙ୍କା ଫେରସ୍ତ କରାଯାଉ ବୋଲି ଦାବି କରିଥିଲେ।

## ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ସାଇକେଲ ରାଲି

**ଝାରସୁଗୁଡ଼ା ଅଫିସ,୧୩।୭**

ତୈଳଦର ବୃଦ୍ଧି ପ୍ରତିବାଦରେ ଝାରସୁଗୁଡ଼ା ଜିଲା କଂଗ୍ରେସ ଓ ଟାଉନ କଂଗ୍ରେସ କମିଟି ମିଳିତ ଉଦ୍ୟମରେ ମଙ୍ଗଳବାର ଏକ ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମନମୋହନ ଏମ୍‌ଇ ସ୍କୁଲ୍ ସମ୍ମୁଖରୁ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀଛକରେ ପହଞ୍ଚିଥିଲା। ସେଠାରେ ଟାଉନ କଂଗ୍ରେସ ସଭାପତି ସଞ୍ଜୟ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଦରଦାମ ନିୟନ୍ତ୍ରଣ କରିବାରେ କେନ୍ଦ୍ର ଭାଜପା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏ ନେଇ କଂଗ୍ରେସ ତରଫରୁ ଜନଜାଗରଣ କରାଯାଇ ଆନ୍ଦୋଳନକୁ ବ୍ୟାପକ କରାଯିବ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଭରତ ଅଗସ୍ତୀ, ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ସମ୍ପାଦକ ଅଲେଖ କୁମାର, ପ୍ରଶାନ୍ତ ତ୍ରିପାଠୀ, ଭାଗିରଥ ପାତ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସାଇକେଲ୍ ଶୋଭାଯାତ୍ରାରେ କଂଗ୍ରେସ ନେତା ଓ କର୍ମୀମାନେ ।

# ଛାତ୍ରୀଛାତ୍ର ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ

**ଝାରସୁଗୁଡ଼ା ଅଫିସ,୧୩।୭**

**ଝାରସୁଗୁଡ଼ା ଉପାନ୍ତ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା**

■ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ

■ ମୋବାଇଲ ଟାୱାର ପ୍ରତିଷ୍ଠା ଦାବି

ମହାମାରୀ କରୋନା ସମୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିଛନ୍ତି। ବିକଳ୍ପ ଭାବେ ଘରେ ରହି ସେମାନେ ଅନ୍‌ଲାଇନ୍ କ୍ଲାସ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳିସ୍ଥିତିରେ ଅଧିକାଂଶ ଛାତ୍ରୀଛାତ୍ରଙ୍କ ନିକଟରେ ଆଣ୍ଡ୍ରଏଡ୍ ମୋବାଇଲ ନାହିଁ। ପୁଣି ଆଉ କେତେଜଣଙ୍କ ନିକଟରେ ମୋବାଇଲ ଥିଲେ ମଧ୍ୟ ନେଟ୍‌ୱର୍କ ରହୁନାହିଁ। ଫଳରେ ଛାତ୍ରୀଛାତ୍ର ଅନ୍‌ଲାଇନ୍ ପାଠପଢାରୁ ବଞ୍ଚିତ ହେଉଛନ୍ତି। ଏବେ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ଏଭଳି ସମସ୍ୟା ଝାରସୁଗୁଡ଼ା ଜିଲାର ଉପାନ୍ତ ଅଞ୍ଚଳ ଲଖନପୁର ବ୍ଲକ୍ ମଟିଦା ପଞ୍ଚାୟତ ଟେଙ୍ଗେନାମାଲ ଗ୍ରାମରେ ଦେଖାଦେଇଛି।

ଗ୍ରାମଟି ମଟିଦା ପଞ୍ଚାୟତର ୧ନଂ. ୱାର୍ଡରେ ଆସୁଛି। ଏହି ୱାର୍ଡରେ ସାଢେ ୩ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗ୍ରାମରେ ଥିବା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ହାଇସ୍କୁଲ୍ ପଢିବା ପାଇଁ ଗାଁ ପିଲା ୬କି.ମି. ଦୂର ମଟିଦା ଗ୍ରାମକୁ ଯାଆନ୍ତି। କୋଭିଡ୍ ସ୍ଥିତି ଯୋଗୁ ବିଦ୍ୟାଳୟ ବନ୍ଦ ଥିବାରୁ ଛାତ୍ରୀଛାତ୍ର ଘରେରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ହେଲେ ମୋବାଇଲ୍ ନେଟ୍‌ୱର୍କ ରହୁ ନ ସେମାନେ ଗାଁ ମୁଣ୍ଡ ଆମ୍ବତୋଟା, ଉଚ୍ଚସ୍ଥାନ ଓ ଗଛ ଉପରେ ଚଢି ଅସୁରକ୍ଷିତ ଭାବେ ଅନ୍‌ଲାଇନ୍‌ରେ ପାଠପଢୁଛନ୍ତି। ଏଭଳି ସ୍ଥିତିକୁ ନେଇ ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷକ ଓ ଶିକ୍ଷୟିତ୍ରୀ ସମସ୍ତେ ଚିନ୍ତାରେ ଅଛନ୍ତି। ସୂଚନାଯୋଗ୍ୟ ଗ୍ରାମର ୪କି.ମି. ଏୟାର ଦୂରତାରେ ରହିଛି ମଟିଦା ଗ୍ରାମର ଜିଓ ମୋବାଇଲ୍ ଟାୱାର। ସେହିପରି ୬କି.ମି.ଏୟାର ଦୂରତାରେ ରହିଛି ବାଞ୍ଜୀପାଲି ଏୟାରଟେଲ୍ ମୋବାଇଲ୍ ଟାୱାର। ହେଲେ ଉଭୟ ଟାୱାରର ନେଟ୍‌ୱର୍କ ରେଞ୍ଜ ଗ୍ରାମରେ ଠିକ୍‌ରେ ପହଞ୍ଚିପାରୁନାହିଁ । ଗାଁ ଲୋକେ ମୋବାଇଲ୍‌ରେ କଥା ହେବାକୁ ହେଲେ ରାତି ଅଧରେ ଗାଁ ବାହାରକୁ ଆସିବାକୁ ପଡୁଛି। କୌଣସି ଜରୁରିକାଳୀନ କାର୍ଯ୍ୟ ପଡିଲେ ସେମାନେ ମୋବାଇଲ୍ ସେବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗ୍ରାମରେ ଏକ ମୋବାଇଲ୍ ଟାୱାର ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଛାତ୍ରମାନେ ଏକ ବରଗଛରେ ଚଢି ମୋବାଇଲ୍‌ରେ ଅନ୍‌ଲାଇନ୍ କ୍ଲାସ୍ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୪ ଜୁଲାଇ, ୨୦୨୧



## ପୌର ନିର୍ବାହୀ ଅଧିକାରୀଙ୍କୁ ଫେରାଦ

ବରଗଡ଼ ଅଫିସ୍: ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଏକ ପ୍ରତିନିଧି ଦଳ ବିଭିନ୍ନ ସମସ୍ୟା ନେଇ ସୋମବାର ବରଗଡ଼ ପୌର ନିର୍ବାହୀ ଅଧିକାରୀ ନାରାୟଣ ଡନସନାଙ୍କୁ ଭେଟିଥିଲେ। ଲକ୍‌ଡାଉନ ଯୋଗୁ କଳାକାରମାନେ ଜୀବିକା ହରାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏଭଳି ପରିସ୍ଥିତିରେ କଳାକାରଙ୍କୁ ସହାୟତା ବ୍ୟବସ୍ଥା କରିବାକୁ ମହାସଂଘ ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କୁ ନିବେଦନ କରିଥିଲେ। ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକ, ଉପସଭାପତି ଭୁବନେଶ୍ୱର ପ୍ରଧାନ, ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକ, ପଞ୍ଚାନନ ମହାପାତ୍ର ପ୍ରମୁଖ ଏହି ପ୍ରତିନିଧି ଦଳରେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କରୋନା ପରବର୍ତ୍ତୀ ଅସୁସ୍ଥତାରେ ଯୁବ ଶିକ୍ଷକଙ୍କ ମୃତ୍ୟୁ

**ବାଉଁଶୁଣୀ,୧୩।୭(ଡି.ଏନ୍.ଏ.):** କରୋନା ପଜିଟିଭ ଚିହ୍ନଟ ହେବା ପରେ ଚିକିତ୍ସା ହୋଇ ସୁସ୍ଥ ହୋଇଥିବା ଅରୁଣ ଗିରି (୩୬) ନାମକ ଜଣେ ଯୁବ ଶିକ୍ଷକଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସେ କଣ୍ଟାମାଳ ବ୍ଲକ ଯୋଗିନ୍ଦରପୁର ଗ୍ରାମପଞ୍ଚାୟତ କୁମରକେଲି ଆଶ୍ରମ ସ୍କୁଲରେ ଶିକ୍ଷକତା କରୁଥିଲେ। ଗତ ମାସରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଔଷଧ ଖାଇ ସୁସ୍ଥ ହୋଇଥିବା ଘୋଷିତ ମଧ ହୋଇଥିଲେ। ମାତ୍ର ତାଙ୍କର ଶାରୀରିକ ଅସୁସ୍ଥତା ଅବ୍ୟାହତ ରହିଥିଲା। କରୋନାରୁ ସୁସ୍ଥ ହୋଇଥିଲେ ମଧ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ହୋଇଥିଲେ। ଗତ ସପ୍ତାହରେ ପରିବାର ଲୋକେ ବୁର୍ଲାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଭୋର ମୃତ୍ୟୁବରଣ କରିଥିବା ପରିବାର ଲୋକେ କହିଛନ୍ତି। ସେ ଜଣେ ମିଷ୍ଟଭାଷୀ, ମେଳାପି ଓ କ୍ରୀଡାବିତ ଥିଲେ। ତାଙ୍କର ବିୟୋଗରେ ନିଜ ଗ୍ରାମ ପଲସାଗୋରା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ବାଇକ୍ ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ବାଉଁଶୁଣୀ,୧୩।୭(ଡି.ଏନ୍.ଏ.):** ମନମୁଣ୍ଡା-କଣ୍ଟାମାଳ ରାସ୍ତାର ଗୋହିପିଟା ବୁଲାଣି ନିକଟରେ ଭାରସାମ୍ୟ ହରାଇ ବାଇକ୍ ସହ ଗଛରେ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା କଣ୍ଟାମାଳ ବ୍ଲକ ଗବଜୋର ଗ୍ରାମର ଡିଲେ ଗୁରୁ (୩୫)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। କୌଣସି କାମରେ ବାଇକ୍ ଯୋଗେ ସୋନପୁର ଆସି ଘରକୁ ଫେରୁଥିବାବେଳେ ଦିନ ପ୍ରାୟ ୧ଟାରେ ଗୋହିପିଟା ବୁଲାଣି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ସେ ରାସ୍ତାତଳକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ଡାକ୍ତରଖାନା ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଆଜକୁ ୧୦ ବର୍ଷ ହେବ ଗବଜୋରରେ ଓଡିଶା ବ୍ରିଗେଡ ସ୍କୁଲ ପ୍ରତିଷ୍ଠା କରି ତାହାର ସମ୍ପାଦକ ରହି ପରିଚାଳନା କରୁଥିଲେ। ଜଣେ ସଙ୍ଗଠକ ଓ ଉଦ୍ୟମୀ ଯୁବକ ଭାବେ ସେ ପରିଚିତ ଥିଲେ।

### ମଦ ବିକ୍ରି ବନ୍ଦ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ସୋନପୁର,୧୩।୭(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅମାମୁଣ୍ଡା ଗ୍ରାମରେ ଚୋରା ଦେଶୀ ମଦ ଖୁଲମଖୁଲା ବିକ୍ରି ହେଉଛି। ୩ ଜଣ ବ୍ୟକ୍ତି ଗ୍ରାମରେ ମଦ ବିକ୍ରି କରି ଆସୁଛନ୍ତି। ଗାଁରେ ମଦ ବିକ୍ରି ହେବା ଫଳରେ ମଦ୍ୟପମାନେ ଗଣ୍ଡଗୋଳ କରୁଛନ୍ତି। ଯୁବକମାନେ ପଥଭ୍ରଷ୍ଟ ହେଉଛନ୍ତି। ଅଶାନ୍ତିକର ବାତାବରଣ ସୃଷ୍ଟି ହେଉଛି। ମହିଳାମାନେ ରାସ୍ତାରେ ଯିବା ଆସିବା କରିବା ସମୟରେ ନିଜକୁ ନିରାପଦ ମଣୁନାହାନ୍ତି। ଏଥିପାଇଁ ଗ୍ରାମବାସୀ ଲଛିପୁର ପଣ୍ଡିରେ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ବାଧ୍ୟ ହୋଇ ଗ୍ରାମବାସୀ ମଙ୍ଗଳବାର ସୋନପୁର ଆସି ଜିଲାପାଳ ଆବୋଲି ସୁନିଲ ନରୱ୍ୱଣେଙ୍କୁ ସମସ୍ୟ ଜଣାଇବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ମହିଳା ଜୟନ୍ତି ଭୁଏ, ଜୟନ୍ତୀ ପଧାନ, ସାଜନ ଭୁଏ, ଭାଗ୍ୟଶ୍ରୀ ପଧାନ ଓ ଚଞ୍ଚଳା ପଧାନ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।

# ବିକ୍ରି ହେଉଛି କେନ୍ଦୁପତ୍ର ତୋଳାଳିଙ୍କ ପାସ୍‌ବହି

**ବଲାଙ୍ଗୀର ଅଫିସ,୧୩।୭**


କେନ୍ଦୁପତ୍ର ତୋଳାଳୀ ପାସ୍ ବହି
ପାଟଣାଗଡ଼ କେନ୍ଦୁପତ୍ର ବନଖଣ୍ଡ
- ସୂଚନା -

କେନ୍ଦୁପତ୍ର ତୋଳାଳିଙ୍କ ପାସବହି।

**ପାଟଣାଗଡ଼ କେନ୍ଦୁପତ୍ର ଡିଭିଜନ**

- ପାସ୍‌ବହି ପିଛା ୫ ଶହରୁ ୧ ହଜାର ଟଙ୍କା
- ଜଙ୍ଗଲ ବିଭାଗ ସଚିବଙ୍କ ଦୃଷ୍ଟି ଆକର୍ଷଣ କଲେ ପୂର୍ବତନ ବିଧାୟକ
- ତଦନ୍ତ ନିର୍ଦ୍ଦେଶ ଦେଲେ ଜଙ୍ଗଲ ବିଭାଗ ସଚିବ

ଅନେକ ସମୟରେ ଦୁର୍ନୀତି ଓ ଶୋଷଣକୁ ନେଇ ଚର୍ଚ୍ଚାରେ ରହିଆସିଥିବା କେନ୍ଦୁପତ୍ର ବିଭାଗରେ ପୁଣି ଏକ ନୂଆ ଧରଣର ଦୁର୍ନୀତି ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ମାଗଣାରେ ଯୋଗାଇ ଦିଆଯାଉଥିବା କେନ୍ଦୁପତ୍ର ତୋଳାଳିଙ୍କ ପାସ୍‌ବହିକୁ ୫ଶହରୁ ୧ହଜାର ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ସର୍କଲ ଅନ୍ତର୍ଗତ ପାଟଣାଗଡ କେନ୍ଦୁପତ୍ର ଡିଭିଜନରୁ ଏଭଳି ଅନେକ ଅଭିଯୋଗ ଆସିବା ପରେ କେନ୍ଦୁପତ୍ର ଶ୍ରମିକ ସଂଘ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ରାଜ୍ୟ ଜଙ୍ଗଲ ବିଭାଗ ସଚିବ ଡ ମୋନା ଶର୍ମାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ପାଇବା ପରେ ସଚିବ ଡା ଶର୍ମା ଏନେଇ କେନ୍ଦୁପତ୍ର ବିଭାଗ ପିସିସିଏଫ୍‌ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ବଲାଙ୍ଗୀର ଜିଲାରୁ ଉନ୍ନତମାନର କେନ୍ଦୁପତ୍ର ସଂଗ୍ରହ କରାଯାଏ। ପ୍ରତିବର୍ଷ କେନ୍ଦୁପତ୍ର ସଂଗ୍ରହ କରି ଜିଲାର କେନ୍ଦୁପତ୍ର ତୋଳାଳିମାନେ ବେଶ୍ ଦୁଇ ପଇସା ରୋଜଗାର କରିଥାନ୍ତି। କେନ୍ଦୁପ୍ରତ ତୋଳାଳିଙ୍କୁ ସହାୟତା କରିବାକୁ ଯାଇ ରାଜ୍ୟ ସରକାର ପ୍ରତ୍ୟେକ ତୋଳାଳିଙ୍କୁ ମାଗଣାରେ ଏକ କାର୍ଡ ବା ପାସ୍‌ବହି ଯୋଗାଇ ଦେଇଥାନ୍ତି। ଉକ୍ତ ପାସ୍‌ବହିରେ ତୋଳାଳିଙ୍କ କେନ୍ଦୁପତ୍ର ହିସାବ୍ ରଖାଯାଏ। କେଉଁ ତୋଳାଳି କେତେ ପତ୍ର ତୋଳି ଫଡିରେ ଦାଖଲ କଲେ ମୁନ୍‌ସୀ ଓ ଚେକର ଏହାକୁ ଉକ୍ତ ବହିରେ ଲେଖିଥାନ୍ତି। ଉକ୍ତ ପାସ୍‌ବହିରେ ଉଲ୍ଲିଖିତ କେନ୍ଦୁପତ୍ର ଅନୁସାରେ ଶ୍ରମିକଙ୍କୁ ପାଉଣା ଦିଆଯାଇଥାଏ। ତେବେ ପାଟଣାଗଡ କେନ୍ଦୁପତ୍ର ଡିଭିଜନ ଘସିଏସ ସାଉଥ୍ ରେଞ୍ଜ ଅନ୍ତର୍ଗତ ମରାଳ, ତମିଆ, ବାଗବାହାଲି ପ୍ରଭୃତି ଗାଁର ହେମଲତା ନାୟକ, ସବିତା ପଟେଲ, ନିର ଦୀପ, କୁଳବତୀ ଦୀପ ହାରାମଣି ସାହୁ, ବେଲମତି ବୁଡେକ, ଅଷ୍ଟମୀ ପୁଟେଲ ପ୍ରମୁଖ କେନ୍ଦୁପତ୍ର ତୋଳାଳିମାନେ ସେମାନଙ୍କଠାରୁ ପାସ୍‌ବହି ପିଛା ୫ଶହରୁ ୧ହଜାର ଟଙ୍କା ଫରେଷ୍ଟର, ସର୍କଲ ଚେକର ଅସୁଲ କରୁଥିବା ଅଭିଯୋଗ କରିଛନ୍ତି। ଏଥିସହିତ କେନ୍ଦୁପତ୍ର ଫଡିଘର ମରାମତି, କେନ୍ଦୁପତ୍ର ରଚେଇ, ବୁହେଇ ବାବଦ ଲକ୍ଷ ଲକ୍ଷ ଟଙ୍କା ମଧ ବାଟମାରଣା କରାଯାଉଥିବା ଅଭିଯୋଗ କରାଯାଇଛି। ମିଥ୍ୟା ବିଲ ଭାଉଚର କରାଯାଇ ଟଙ୍କା ଆତ୍ମସାତ୍ କରାଯାଉଛି । ଏସବୁର ତଦନ୍ତ କରିବାକୁ ପୂର୍ବତନ ବିଧାୟକ ପୁରୋହିତ ଦାବି କରିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ଭଳି ସାଧାରଣ ଶ୍ରମିକଙ୍କ କଷ୍ଟଲବ୍ଧ ଅର୍ଥକୁ ଆତ୍ମସାତ୍ କରାଯିବା ଦୁର୍ଭାଗ୍ୟଜନକ ବୋଲି ପୁରୋହିତ କହିଛନ୍ତି। ଏନେଇ ପାଟଣାଗଡ ଡିଭିଜନ ଦାୟିତ୍ୱରେ ଥିବା ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ ଡିଏଫ୍‌ଓ ରଞ୍ଜିତ ମଲ୍ଲିକଙ୍କୁ ପଚରାଯିବାରୁ ଏଭଳି ଅଭିଯୋଗ ସମ୍ପର୍କରେ ସେ ସୂଚନା ପାଇଛନ୍ତି। ବୁଧବାର ପାଟଣାଗଡ ଯାଇ ଅଭିଯୋଗର ସେ ତଦନ୍ତ କରିବେ ବୋଲି କହିଛନ୍ତି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫୧.୩୪ଲକ୍ଷ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ



ବୈଠକରେ ଉପସ୍ଥିତ ଜିଲା ପରିଷଦ ଅଧକ୍ଷା, ଅର୍ଥମନ୍ତ୍ରୀ, ଜିଲାପାଳ ଓ ପିଡି ଡିଆରଡିଏ ପ୍ରମୁଖ।

**ସୋନପୁର,୧୩।୭(ନି.ପ୍ର.)**

**ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ**

ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ ଅଧକ୍ଷା ଉଷା କୁମାରୀଙ୍କ ଅଧକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରରେ ଜିଲାକୁ ଅଧିକ ସମୃଦ୍ଧି କରିବା ନିମନ୍ତେ ପରିଷଦ ଅଧକ୍ଷା ଉଷା କୁମାରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୨୦୨୧-୨୨ରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଲାର ୬ବ୍ଲକ ପାଇଁ ଧାର୍ଯ୍ୟ ହୋଇଥିବା ୫୧.୩୪ ଲକ୍ଷ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟକୁ ବୈଠକରେ ଅନୁମୋଦନ ମିଳିଥିଲା। ଚଳିତ ଆର୍ଥିକ ବର୍ଷରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନଙ୍କ ଅନୁଦାନରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପଗୁଡିକୁ ପରିଷଦ ବୈଠକରେ ଅନୁମୋଦନ ମିଳିଥିଲା। ସେହିପରି ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରେ ନିର୍ମାଣ ହେବାକୁ ଥିବା କେତେକ ପ୍ରକଳ୍ପକୁ ପରିବର୍ତ୍ତନ ପାଇଁ ବୈଠକରେ ସ୍ଥିର ହୋଇଥିଲା। ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବୈଠକରେ ଯୋଗଦେଇ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବୋଲି ସୁନିଲ ନରୱ୍ୱଣେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ପରିଷଦ ସଭ୍ୟ ଗାୟତ୍ରୀ ପାଣିଗ୍ରାହୀ, ଜୟନାରାୟଣ ନେଗୀ, ସରୋଜ କମ୍ପ, ପ୍ରବୀଣ ନାଗ, ପୂର୍ଣ୍ଣଚନ୍ଦ୍ର ବିଶି, ରୋହିଣୀ ଡାଙ୍ଗ, ପୂର୍ଣ୍ଣିମା ବାରିକ, ସୌଦାମିନୀ ଜାଲ ସମସ୍ତ ବ୍ଲକର ଅଧକ୍ଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପିଡି ଡିଆରଡିଏ ଡୋଲାମଣି ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶିକ୍ଷା ଭିତ୍ତିଭୂମି ଉପରେ ଆଲୋଚନା

**ବଲାଙ୍ଗୀର ଅଫିସ,୧୩।୭**


ବଲାଙ୍ଗୀର ବିଇଓ ଅଫିସରେ ବିଧାୟକ ନରସିଂହ ମିଶ୍ର ଚାରାରୋପଣ କରୁଛନ୍ତି।

**ବଲାଙ୍ଗୀର ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ବନ ମହୋତ୍ସବ**

ବଲାଙ୍ଗୀର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ ମହୋତ୍ସବରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ସେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଧ୍ରୁବଚରଣ ବେହେରା, ବ୍ଲକ ଶିକ୍ଷାଧିକାରୀ ରାଘବ ପାଣିଗ୍ରାହୀଙ୍କ ସହ ଶିକ୍ଷା ବିଭାଗ ଭିତ୍ତିଭୂମି ଉପରେ ବିଧାୟକ ମିଶ୍ର ଆଲୋଚନା କରିଥିଲେ। ଗତ ୭ ବର୍ଷ ଭିତରେ ଜିଲାର ଅନେକ ଶିକ୍ଷା ଭିତ୍ତିଭୂମିର ନୂତନ ନିର୍ମାଣ ହୋଇଥିଲେ ହେଁ ଜମି ସମସ୍ୟା ତଥା ପାଣିର ଅଭାବ ଯୋଗୁଁ କେତେକ ଅଞ୍ଚଳରେ ଥିବା ବିପଦପୂର୍ଣ୍ଣ ସ୍କୁଲ କୋଠାର ପୁନଃ ନିର୍ମାଣ ହୋଇ ପାରୁ ନାହିଁ । ଅନେକ ଶିକ୍ଷା ବିଭାଗ ଜମି ଜବରଦଖଲରେ ରହିଛି। ସହର ମଧ୍ୟରେ ଥିବା କିଛି ସ୍କୁଲ ଜାତୀୟ ରାଜପଥ କଡରେ ଥିବାରୁ ସେ ସବୁର ସ୍ଥାନାନ୍ତରଣ ଜରୁରୀ ହୋଇପଡିଛି । ଏସବୁ ସମସ୍ୟା ପାଇଁ ଜିଲା ଶିକ୍ଷା ଅଧିକାରୀ ତୁରନ୍ତ ସରକାରଙ୍କୁ ଚିଠି ଲେଖନ୍ତୁ ବୋଲି ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମରାମତି ଆବଶ୍ୟକତା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର, ବିଧାୟକଙ୍କ ଶିକ୍ଷା ବିଭାଗ ପ୍ରତିନିଧି ବାମଦେବ ମିଶ୍ର, ଉପବ୍ଲକ ଶିକ୍ଷା ଅଧିକାରୀ ଉତ୍ତମ କୁମାର ନାଏକ, କୈଳାସ କୁମ୍ଭାର, ସନ୍ଧ୍ୟାରାଣୀ ଧରୁଆ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ଦାଶ, ଡ. ପ୍ରଶାନ୍ତ ପଧାନ ଉପସ୍ଥିତ ଥିଲେ।

### ଜିଲାପାଳଙ୍କୁ ଦାବି ଜଣାଇଲେ ଅସ୍ଥାୟୀ ପମ୍ପ ଚାଳକ

**ବରଗଡ଼ ଅଫିସ୍,୧୩।୭**

ବରପାଲି ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାମ କରୁଥିବା ଅସ୍ଥାୟୀ ପମ୍ପ ଚାଳକମାନେ ମଙ୍ଗଳବାର ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦୀର୍ଘବର୍ଷ ଧରି ସେମାନେ ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କୁ ସର୍ବନିମ୍ନ ମଜୁରି ଦିଆଯାଉନାହିଁ। ମାସିକ ୪ରୁ ୫ହଜାର ଟଙ୍କା ଦରମାରେ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡୁଛି। ଫଳରେ ଚାକିରି ନିୟମିତ କରିବା ସହ ଠିକ୍ ଭାବେ ଦରମା ପ୍ରଦାନ କରାଯିବାକୁ ସେମାନେ ନିବେଦନ କରିଛନ୍ତି। ସଂଘର ଆଇନ ପରାମର୍ଶଦାତା ରବି ନାରାୟଣ ଦାଶଙ୍କ ସମେତ ଡମ୍ବରୁ ଦଣ୍ଡସେନା, ମିତ୍ରଭାନୁ ସାହୁ, ଜୟରାମ ଗଡ଼ତିଆ, ମାନଭଞ୍ଜନ ସୁନା, ମାଧବ ସାହୁ, ବିଜୁ ସାହୁ, ଉଗ୍ରସେନ ମିର୍ଦ୍ଧା ପ୍ରମୁକ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଅସ୍ତ୍ରୋପଚାର ପରେ ବି କମୁନି ଯନ୍ତ୍ରଣା


ଶଯ୍ୟାଶାୟୀ ଭକ୍ତଙ୍କ ନିକଟରେ ପରିବାର ଲୋକେ।

**ବିନିକା,୧୩।୭(ଡି.ଏନ୍.ଏ.)**

**ରାଇସ ମିଲ୍‌ରେ କାମ କରୁଥିବା ବେଳେ ଭାଙ୍ଗି ଯାଇଥିଲା ଅଣ୍ଟା**

ବିନିକା ବ୍ଲକ ବାଙ୍କିଘିର୍ଡି ସଂହରାପଡାର ଭକ୍ତ ଚରଣ ଭୂଏ(୪୫) ଜାମପାଲିସ୍ଥିତ ବାଲାଜୀ ରାଇସ୍ ମିଲ୍‌ରେ ଧାନ, ଚାଉଳ ବୋହିବା କାମ କରୁଥିଲେ। ଚଳିତ ମାର୍ଚ୍ଚ ୩୧ତାରିଖ ଦିନ ମିଲରେ କାମ କଲାବେଳେ ଧାନବସ୍ତା ଅଜାଡି ହୋଇ ପଡିବାରେ ତାଙ୍କ ଅଣ୍ଟା ଭାଙ୍ଗି ଯାଇଥିଲା। ମିଲ୍ କର୍ତ୍ତୃପକ୍ଷ ତାଙ୍କୁ ବିନିକା ଓ ପରେ ବୁର୍ଲାରେ ଭର୍ତ୍ତି କରିଥିଲେ। ଶେଷରେ ବରଗଡ ବିକାଶ ହସ୍ପିଟାଲରେ ଭକ୍ତଙ୍କ ଅଣ୍ଟାରେ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ଅସ୍ତ୍ରୋପଚାର ପରେ ପରିସ୍ରା କରିବାରେ ସମସ୍ୟା ହେଲା । ପାଇପ୍ ଲଗାଇ ପରିସ୍ରା ବ୍ୟବସ୍ଥା ପରେ ଡିସଚାର୍ଜ ହୋଇ ଭକ୍ତ ଘରକୁ ଆସିଲେ। ଏବେ ତାଙ୍କ ଅବସ୍ଥାରେ ସୁଧାର ଆସୁନାହିଁ। ଅଣ୍ଟା ଯନ୍ତ୍ରଣାରେ ଛଟପଟ ହୋଇ ସେ ଏବେ ଶଯ୍ୟାଶାୟୀ । ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ଯାଏ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସେତେବେଳେ ମିଲ୍ କର୍ତ୍ତୃପକ୍ଷ କହିଥିଲେ। ହେଲେ ଏବେ ମିଲର୍ସ କୌଣସି ଆର୍ଥିକ ସହଯୋଗ କରୁ ନ ଥିବା କହିଛନ୍ତି ଭକ୍ତଙ୍କ ପରିବାର ଲୋକେ। ଅନ୍ୟ କୌଣସି ଆୟପନ୍ଥା ନାହିଁ। ଏପରିସ୍ଥଳେ ସ୍ତ୍ରୀ ପଦ୍ମିନୀ, ବୁଢ଼ୀ ମା ଦୈମତୀ ଭୂଏ(୭୮) ଓ ୨ ପୁଅ ଏବେ କଠିନ ଆର୍ଥିକ ଦୁସ୍ଥିତି ମଧ୍ୟରେ କାଳାତିପାତ କରୁଛନ୍ତି। ଦୈମତୀଙ୍କ ମାସିକ ଭତ୍ତା ବାବଦ ୫ଶହ ଟଙ୍କା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ମିଳୁଥିବା ୨୫ କେଜି ଚାଉଳକୁ ଆଶ୍ରା କରି ଚଳୁଛନ୍ତି ଭକ୍ତଙ୍କ ପରିବାର। ଏହି ପରିସ୍ଥିତିରେ ଭକ୍ତଙ୍କ ଉଚ୍ଚ ଚିକିତ୍ସା ପାଇଁ ତାଙ୍କ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି। ମିଲ୍ ମାଲିକ ଶଙ୍କର ଅଗ୍ରୱାଲଙ୍କୁ ପଚାରିବାରେ ଦୈନିକ ମଜୁରିରେ ଭକ୍ତ କାମ କରୁଥିଲେ ବି ଚିକିତ୍ସା ବାବାଦ ସମସ୍ତ ଖର୍ଚ୍ଚ ବହନ କରାଯାଇଛି। ବୁର୍ଲାରେ ଚିକିତ୍ସା କରାଇବାକୁ କୁହାଯାଉଥିବା ବେଳେ ଭକ୍ତଙ୍କ ପରିବାର ଲୋକେ ଏଥିରେ ରାଜି ହେଉ ନାହାନ୍ତି ବୋଲି ସେ କହିଛନ୍ତି।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବଦଳିକୁ ନେଇ ସିଡିଏମ୍‌ଓଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ,୧୩।୭**


ମହିଳା ସ୍ୱାସ୍ଥ୍ୟକର୍ମୀମାନେ ସିଡିଏମ୍‌ଓ ଡା ଭୀମ ସାହୁଙ୍କୁ ଦରଖାସ୍ତ ଦେଉଛନ୍ତି।

ବଲାଙ୍ଗୀର ଜିଲାରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ବଦଳି କରାଯାଇଛି। ଏହି ବଦଳି ପ୍ରସଙ୍ଗକୁ ନେଇ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ମଙ୍ଗଳବାର ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ଓ)ଙ୍କୁ ଦାବିପତ୍ର ଦିଆଯାଇଛି। ଏହି ବଦଳି କାର୍ଯ୍ୟକାରୀ କଲାବେଳେ ସିଡିଏମ୍‌ଓ ସରକାରୀ ଗାଇଡଲାଇନ୍ ପାଳନ କରି ନ ଥିବା ଅଭିଯୋଗ କରାଯାଇଛି। ସରକାରୀ ଗାଇଡଲାଇନ୍ ଅନୁଯାୟୀ ବଦଳି ସମୟରେ ବଦଳି କରାଯିବା କଥା। ମାତ୍ର ତାହା ମଧ ପାଳନ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଉତ୍ତର ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପ କାର୍ଯ୍ୟକ୍ରମକୁ ସଫଳ କରିବାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିଶେଷ ଭୂମିକା ଥିଲେ ମଧ ସେମାନଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ କରିଛନ୍ତି। କୋଭିଡ ମହାମାରୀ ସମୟରେ ସେମାନଙ୍କୁ ବଦଳି କରାଯିବା ଠିକ୍ ହୋଇନାହିଁ ବୋଲି କହିଥିଲେ। ତୁରନ୍ତ ବଦଳି ଆଦେଶକୁ ବାତିଲ କରିବାକୁ ସଂଘ ସଦସ୍ୟମାନେ ସିଡିଏମ୍‌ଓଙ୍କୁ ଅନୁରୋଧ କରିଥିଲେ। ଦାବିପତ୍ର ଗ୍ରହଣ କରି ସିଡିଏମ୍‌ଓ ଡା. ଭୀମ ସାହୁ କହିଥିଲେ ଯେ, ଜିଲାରେ ସ୍ୱାସ୍ଥ୍ୟସେବାର ସଫଳ ମୁକାବିଲା ଏବଂ ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ଜିଲାପାଳଙ୍କ ଅନୁମୋଦନରେ ଏହି ବଦଳି କରାଯାଇଛି। ଜିଲା ସଦର ମହକୁମା ନିକଟ ଚୁଡାପାଲି, ଜାମଗାଁ, ଦେଓଗାଁ ଓ ଲୋଇସିଂହା ସିଏଚ୍‌ସିରେ ସ୍ୱୀକୃତିପ୍ରାପ୍ତ ପଦବୀରୁ ଢ଼େର ଅଧିକ ମହିଳା ସ୍ୱାସ୍ଥ୍ୟକର୍ମୀ ରହିଥିଲେ। ଏହା ସହିତ ତୁରେକେଲା, ମୁରିବାହାଲ, ସିନ୍ଧେକେଲା, ବେଲପଡା, ଖପ୍ରାଖୋଲ ଅଞ୍ଚଳର ଡାକ୍ତରଖାନାମାନଙ୍କରେ ବହୁ ବଦବୀ ଖାଲି ରହିଥିଲା। ସବୁକୁ ବିଚାରକୁ ନିଆଯାଇ ଯେଉଁ ସ୍ୱାସ୍ଥ୍ୟକର୍ମୀମାନେ ଅଧିକ ସମୟ ଧରି ରହିଥିଲେ ସେମାନଙ୍କର ବଦଳି କରାଯାଇଛି ବୋଲି ସିଡିଏମ୍‌ଓ ଡା, ସାହୁ କହିଥିଲେ। ତେବେ ସେମାନଙ୍କ ଦରଖାସ୍ତକୁ ସେ ଜିଲାପାଳଙ୍କୁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୧୭ ଜିଲାରେ ନିଅଣ୍ଟିଆ ବର୍ଷା

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

- ସ୍ୱାଭାବିକଠାରୁ ୨୧% କମ୍ ବର୍ଷା
- ୪ ଜିଲାରେ ଚାଷକାର୍ଯ୍ୟ ଅଧିକ ପ୍ରଭାବିତ

ଓଡ଼ିଶାକୁ ଏଥର ଠିକ୍ ସମୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଥିଲେ ମଧ ଏ ପର୍ଯ୍ୟନ୍ତ ଆବଶ୍ୟକତା ଅନୁଯାୟୀ ବର୍ଷା ହୋଇନାହିଁ। ୧୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ମଙ୍ଗଳବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଜୁନ୍ ୧ରୁ ଜୁଲାଇ ୧୩ ମଧ୍ୟରେ ରାଜ୍ୟରେ ୨୭୩.୬ ମି.ମି.ବର୍ଷା ହୋଇଥିବାବେଳେ ଏହା ସ୍ୱାଭାବିକଠାରୁ ୨୧% କମ୍ ରହିଛି। ଏହି ସମୟରେ କୋରାପୁଟରେ ସର୍ବାଧିକ ୩୭୦.୩ ମି.ମି. ବର୍ଷା ହୋଇଥିବାବେଳେ ଭଦ୍ରକରେ ସବୁଠାରୁ କମ୍ ୧୩୧.୧ ମି.ମି. ରେକର୍ଡ କରାଯାଇଛି।

୨୦% ରୁ ୫୯% କମ୍ ବର୍ଷା ବା ନିଅଣ୍ଟିଆ ବର୍ଷାର ସମ୍ମୁଖୀନ ହୋଇଥିବା ଜିଲାଗୁଡ଼ିକ ହେଲା ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ା। ଏଥିମଧ୍ୟରୁ ୪ ଜିଲା କେନ୍ଦୁଝର, ଗଞ୍ଜାମ, ଯାଜପୁର ଓ ଭଦ୍ରକରେ ଆସନ୍ତା ୧୫ଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ଚାଷ କାର୍ଯ୍ୟ ଗୁରୁତର ପ୍ରଭାବିତ ହେବ ବୋଲି ପାଣିପାଗ ବିଜ୍ଞାନୀ ଏଚ୍‌ଆର୍ ବିଶ୍ୱାସ ପୂର୍ବାନୁମାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କେନ୍ଦୁଝର, ଭଦ୍ରକ, ଯାଜପୁର ଓ ଗଞ୍ଜାମ ଜିଲାରେ ୪୦%ରୁ ଅଧିକ ପରିମାଣର କମ୍ ବର୍ଷା ରେକର୍ଡ କରାଯାଇଛି। ସେହିଭଳି ରାଜ୍ୟର ବାକି ୧୩ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ଏହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବରଗଡ଼, ନୂଆପଡ଼ା, କୋରାପୁଟ ଓ ମାଲକାନଗିରି।

ମଙ୍ଗଳବାର ରାଜ୍ୟରେ ବିଭିନ୍ନ ଜିଲାରେ ବର୍ଷା ହୋଇଛି। ନୟାଗଡ଼ରେ ସର୍ବାଧିକ ୫୪ ମି.ମି. ବର୍ଷା ହୋଇଥିବାବେଳେ କଟକ ୧୭.୨, ବଲାଙ୍ଗୀର ୧୭, ଦାରିଙ୍ଗବାଡ଼ି ୧୬, କେନ୍ଦୁଝର ୧୫.୫, ପାରାଦୀପ ୧୩.୮, ଅନୁଗୋଳରେ ୧୦.୬ ମି.ମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ଦକ୍ଷିଣ ଓଡ଼ିଶାର ଅଧିକ ସ୍ଥାନ ଓ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ। କିନ୍ତୁ ୧୭ରୁ ପୁଣି ପ୍ରବଳ ବର୍ଷା ହେବ। ଉକ୍ତଦିନ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ ଓ କଟକରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଧାର୍ଯ୍ୟ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କର

**ସୋନପୁର,୧୩।୭(ନି.ପ୍ର.)**



ବୈଠକରେ ଉପସ୍ଥିତ ଏମ୍‌ପି, ଅର୍ଥ ମନ୍ତ୍ରୀ ଜିଲା ପରିଷଦ ଅଧକ୍ଷା ଓ ଜିଲାପାଳ।

**ଦିଶା ବୈଠକରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା**

ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ କୋଅର୍ଡିନେଶନ ଆଣ୍ଡ ମୋନିଟରିଂ କମିଟି(ଦିଶା) ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏଥିରେ ଅଧକ୍ଷତା କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଏମ୍‌ପି ସମୀକ୍ଷା କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ସହ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିବାକୁ କହିଥିଲେ। ଶିଶୁଙ୍କୁ ଯୋଗାଉ ଦିଆଯାଉଥିବା ଛତୁଆରମାନ ଯେପରି ଠିକ୍ ରହେ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ଏମ୍‌ପି ଲ୍ୟାଡର ସୁବିନିଯୋଗ ଓ ଶୀଘ୍ର ୟୁସି ପ୍ରଦାନ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅଧିକ ଶ୍ରମ ଦିବସ ସୃଷ୍ଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ଦୀନଦୟାଲ ଅନ୍ତୋଦ୍ୟୋୟ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନାରେ ଜିଲାର କୁଶଳୀ କାରିଗରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମନ୍ୱିତ ଜଳବିଭାଜିକା ପରିଚାଳନା ଯୋଜନା, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମଗ୍ର ଶିକ୍ଷା ଅଭିଯାନ, ମଧାହ୍ନ ଭୋଜନ ଯୋଜନା ସମେତ ଜାତୀୟ ରାଜପଥ, ପୂର୍ତ୍ତ ଓ ଗୃହ ନିର୍ମାଣ, ଜଙ୍ଗଲ, ଯୋଗାଣ, ସମବାୟ, ପ୍ରାଣୀସମ୍ପଦ, ଶ୍ରମ ବିଭାଗ, ଜଳସେଚନ ଓ କୃଷି ବିଭାଗ କାର୍ଯ୍ୟର ସମୀକ୍ଷା ହୋଇଥିଲା । ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲାପାଳ ଅବୋଲି ସୁନିଲ ନରୱ୍ୱଣେ, ପିଡି ଡିଆରଡିଏ ଡୋଲାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ବୀରମହାରାଜପୁର ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ଉଲୁଣ୍ଡା ବ୍ଲକ ଅଧକ୍ଷା ମିତାଲି ମହାକୁର, ତରଭା ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।